# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ




ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen


କାହାଣି ୬୦ ରୁ ୫୦


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ବାର୍ତୀମୟ ଜଣେ ଅନ୍ଧ ଲୋକ ଥିଲା, ସେ ଯିରିହୋର ପଥ ପାର୍ଶ୍ୱରେ ବସିଥିଲା । କେତେକ ଦୟାଳୁ ଲୋକମାନେ ସେହି ରାସ୍ତାଦେଇ ଯିବାବେଳେ ତାଙ୍କୁ ନିଜ ଖାଦ୍ୟରୁ କିଛି ଅଂଶ କିମ୍ବା କିଛି ପରିମାଣରେ ଅର୍ଥଦାନ ମଧ୍ୟ କରୁଥିଲେ ।



1

ବାର୍ତୀମୟ ଅନ୍ଧ ଥିବାରୁ କିଛି କାର୍ଯ୍ୟ କରିପାରିଲେ ନାହିଁ । ସେ କେବଳ ଭିକ ମାଗିପାରିଲେ ।



2

ଏକ ସମୟରେ, ରାଜପଥ ଅତ୍ୟଧିକ ବ୍ୟସ୍ତ ଥିଲା । ବାର୍ତୀମୟ ଅନେକ ଲୋକଙ୍କ ପାଦଶବ୍ଦ ଶୁଣିପାରିଲେ । କିଛି  ଅସାମାନ୍ୟ ହେବାର ସେ ଅନୁଭବ କଲେ ।



3

ସଂଙ୍ଗେ ସଂଙ୍ଗେ ସେ ସେହି ଶବ୍ଦ ବିଷୟରେ ଜାଣିପାରିଲେ । ନାଜରୀତୀୟ ଯୀଶୁ ସେହି ନଗରରେ ଥିଲେ । ଯୀଶୁଙ୍କୁ ଦେଖିବାକୁ ଓ ଶୁଣିବାକୁ ସେଠାରେ ଲୋକ ଗହଳି ହେଲା ।



4



ହେ ଦାଉଦ ସନ୍ତାନ ଯୀଶୁ,
ମୋତେ ଦୟା କରନ୍ତୁ,
ବାର୍ତୀମୟ କାହିଁକି ଉଚ୍ଚ
ଶ୍ୱରରେ ଡାକିଲା? ଯୀଶୁ ତାଙ୍କୁ
ସାହାଯ୍ୟ କରିପାରିବେ ବୋଲି
କାହିଁକି ସେ ଭାବିଲା,
ହୋଇପାରେ ଯୀଶୁ ଅନ୍ୟ
ଲୋକମାନଙ୍କୁ ସୁସ୍ଥ କରିଥିବା
କଥା ଶୁଣିଥାଇପାରନ୍ତି ।

5



କୋତେକ ବଧିର, ମୂକ,
କେତେକ ଖଞ୍ଜା, ଏବଂ
ତାଙ୍କପରି କେତେ ଅନ୍ଧ ସୁସ୍ଥ
ହୋଇଥିବେ । ଦାଉଦ ସନ୍ତାନ,
ମୋତେ ଦୟାକର, ବାର୍ତୀମୟ
ବାରମ୍ବାର ଉଚ୍ଚ ଶ୍ୱରରେ
ଡାକିଲେ । ସେ ସୁସ୍ଥହେବା
ଆଶାରେ ତାଙ୍କର ସ୍ୱରରେ
ଯୀଶୁଙ୍କୁ ଡାକିଲା ।

6



ବାର୍ତୀମୟ ଗୋଟିଏ ବିଷୟରେ
ନିଶ୍ଚିତ ଥିଲେ । ଯଦି ବର୍ତ୍ତମାନ
ସେ ସାହାଯ୍ୟ ପାଇବେ ନାହିଁ,
ହୋଇପାରେ ପୁଣି ଏପରି
ସୁଯୋଗ ସେ ଫେରି ପାଇବେ
ନାହିଁ । ଯୀଶୁ ଏହି ରାସ୍ତାରେ ପୁଣି
କେବେ ଆସି ନ ପାରନ୍ତି ।

7



ବାର୍ତୀମୟକୁ ଯୀଶୁଙ୍କ ନିକଟକୁ
ପହଞ୍ଚିବାକୁ ପଡ଼ିଲା, କିନ୍ତୁ
ଲୋକଗହଳି ତାଙ୍କୁ ସ୍ଥାନ
ଦେଲେନାହିଁ । ଶ୍‌ଷ୍ଟୁ...!
ସେମାନେ କହିଲେ ।
ସେମାନେ ତାଙ୍କୁ ଚୁପ୍
ରହିବାକୁ ଧମକ ଦେଲେ ।

8

କିନ୍ତୁ ବାର୍ଟୀମୟ ଚୁପ୍ ରହିଲେ ନାହିଁ । କିନ୍ତୁ ସେ ଆହୁରି ଅଧିକ ଉଚ୍ଚ ସ୍ୱରରେ ଡାକିଲା । ଅଚାନକ୍ ଭାବରେ ଯୀଶୁ ଠିଆ ହୋଇଗଲେ, ଶୁଣିଲେ, ସେହିଅନ୍ଧଟିକୁ ତାଙ୍କ ନିକଟକୁ ଆଣିବାକୁ ଆଜ୍ଞା ଦେଲେ । ସାହସ ଧର, ଲୋକମାନେ ବାର୍ଟୀମୟକୁ କହିଲେ । ଉଠ
ସେ ତୁମ୍ଭକୁ ଡାକୁଅଛନ୍ତି ।





9

ତହିଁରେ ସେ ଆପଣା ଚାଦର ଫୋପାଡ଼ିଦେଇ, ବାର୍ଟୀମୟ ଉଠି ଯୀଶୁଙ୍କ ନିକଟକୁ ଆସିଲା ।



10

ମୁ ତୁମ୍ଭପାଇଁ କଅଣ କରିବି ବୋଲି ତୁମ୍ଭେ ଇଛାକର? ଯୀଶୁ ତାହାକୁ ପଚ଼ାରିଲେ । ତୁମେ କିପରି ଉତ୍ତର ଦେଇଥାନ୍ତ? ତୁମେ କି ଅଧିକ ପରିମାଣରେ ଧନ କିମ୍ବା ଉତ୍ତମ ବସ୍ତ୍ର ମାଗିଥାନ୍ତ?, ବାର୍ଟୀମୟ କଅଣ ତାହା ଚ଼ାହୁଥିଲେ କି?



11

ନୁହେଁ, ଅନ୍ଧ ବାର୍ଟୀମୟ ଯୀଶୁଙ୍କଠାରୁ ସୁନା କିମ୍ବା ଉତ୍ତମ ବସ୍ତ୍ର ଚ଼ାହିଁନଥିଲେ । ତୁମେ ଜାଣ ସେ କଅଣ ଚ଼ାହୁଁଥିଲେ ।



12

ହେ ଗୁରୁ, ମୁ ଯେପରି ଦୃଷ୍ଟିପାଏ । ବାର୍ଟୀମୟ ଦେଖିବାକୁ ଚ଼ାହୁଁଥିଲେ, ସେ ପଶୁପକ୍ଷି, ଗଛପତ୍ର ଓ ପରମେଶ୍ୱରଙ୍କ
ଦ୍ୱାରା ସୃଷ୍ଟ ସମସ୍ତ
ଦେଖିବାକୁ
ଚ଼ାହୁଁଥିଲେ ।



13

ସେ ଚ଼କ୍ଷୁରେ ଦେଖି ନିଜେ ନିଜ ଶରିରର ଦେଖାଶୁଣା କରିବାକୁ ଚ଼ାହୁଁଥିଲେ ଓ ସେ ଭିକାରି ହେବାକୁ
ଚ଼ାହୁଁନଥିଲେ ।



14

ଯୀଶୁ ବାର୍ଟୀମୟଙ୍କୁ କହିଲେ, ଦୃଷ୍ଟିପାଅ । ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।



15

ତତ୍କ୍ଷଣାତ୍ ସେ
ଦୃଷ୍ଟି ପାଇଲେ
ଓ ଯୀଶୁଙ୍କ
ପଛେ ପଛେ
ଗଲେ ।



16

ସେ କେବଳ
ପରମେଶ୍ୱର ଅଦ୍ଭୁତ
ଭାବିପାରିଲେ, ସେ
ମୋତେ ସୁସ୍ଥ
କରିଅଛନ୍ତି,
ବାର୍ଟୀମୟଙ୍କ
ନିମନ୍ତେ ଏକ
ଅଦ୍ଭୁତ ସମୟ
ଥିଲା ।



17

ସମସ୍ତ ଲୋକ, ଯେତେବେଳେ
ସେମାନେ ଏହା ଦେଖିଲେ,
ସେମାନେ ପରମେଶ୍ୱରଙ୍କ ମହିମା
କଲେ । ପୁଣିଥରେ, ସେମାନେ
ଇଶ୍ୱରଙ୍କ ପୁତ୍ରଙ୍କର ଅଦ୍ଭୁତ କର୍ମ
ଦେଖିଲେ, ଯୀଶୁ ସେହି ଗରିବ
ଅନ୍ଧ ଭିକାରିକୁ ସୁସ୍ଥ କଲେ ।



18

ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ

## ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

## ରୁ ଅନୁସନ୍ଧାନ କରାଯାଇଅଛି

ମାର୍କ ୧୦, ଲୂକ ୧୮, ଯୋହନ ୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।